

ଟିପ୍ପଣୀ

# 32

# ପରିବେଶର ପ୍ରଭାବ

ତୁମେ ଜାଣିଛ ପୃଥିବୀ ଏକମାତ୍ର ଗ୍ରହ ଯାହା ଜୀବ ଜଗତ ପାଇଁ ସହାୟକ ଅଟେ । ପୃଥିବୀର ଉପଯୁକ୍ତ ତାପମାତ୍ରା, ବାୟୁ, ଜଳ, ଓ ମୃତ୍ତିକା ଜୀବ ଜଗତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ପାଇଁ ସହାୟକ ହୋଇଥାଏ ଓ ଏହାର ଓଜନ ସ୍ତର ଜୀବଜଗତକୁ ବାହ୍ୟ ଜଗତରୁ ଆସୁଥିବା କ୍ଷତିକାରକ ରଶ୍ମି ଠାରୁ ରକ୍ଷାକରେ । ଜନସଂଖ୍ୟାର ନିରନ୍ତର ବୃଦ୍ଧି ଓ ମାନବୀୟ କାର୍ଯ୍ୟ କଳାପ ହେତୁ ବାୟୁ ଜଳ, ମୃତ୍ତିକା ତଥା ଅନ୍ୟାନ୍ୟ ପ୍ରାକୃତିକ ଉତ୍ସର ଗୁଣବତାର ଅବକ୍ଷୟ ଘଟୁଛି । ଫଳରେ ଏହା ଜୀବମାନଙ୍କ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଯାଉଛି । ଏହି ଅଧ୍ୟାୟରେ ତୁମେ ପ୍ରଦୂଷକ ମାନଙ୍କର ଉତ୍ସ ଓ ପରିବେଶ ଉପରେ ଏହାର ପ୍ରଭାବ ବିଷୟରେ ଅଧ୍ୟୟନ କରିବ । ପରିବେଶ ପ୍ରଦୂଷଣ ପୃଥିବୀରେ ଥିବା ଅନେକ ପ୍ରକାର ଜୀବ ଓ ମଣିଷ ସମାଜ ପାଇଁ ଅନେକ ସଂକଟ ସୃଷ୍ଟି କରୁଛି । ତେଣୁ ପରିବେଶର କ୍ଷତି ବା ଏହାର ଅବକ୍ଷୟ ପାଇଁ ଉଦ୍ଦିଷ୍ଟ କାରଣ ଗୁଡିକ ଆମର ବିଚାରଯୋଗ୍ୟ ବିଷୟ ହେବା ଉଚିତ୍ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପାଠ କରିବା ପରେ ତୁମେ :-

- ପରିବେଶ ଏବଂ ଜୀବ ମଣ୍ଡଳର ପରିଭାଷା କହିପାରିବ ;
- ପରିବେଶର ଭିନ୍ନାଂଶ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ ;
- ପରିବେଶ ପ୍ରତି ସୃଷ୍ଟି ହେଉଥିବା ସଂକଟକୁ ବୁଝାଇ ପାରିବ ;
- ପ୍ରଦୂଷକ ତଥା ଏହାର ପ୍ରକାର ବିଷୟରେ ଧାରଣା କରି ପାରିବ ;
- ପ୍ରଦୂଷକ ଉତ୍ସର ତାଲିକା ପ୍ରସ୍ତୁତ କରି ପାରିବ ଏବଂ
- ପରିବେଶ, ଜୀବ ଏବଂ ବିଶେଷ କରି ମାନବ ଉପରେ ପ୍ରଦୂଷକର ପ୍ରଭାବକୁ ବୁଝାଇ ପାରିବ ।

## 32.1 ପରିବେଶର ଉପାଦାନ

ବିଭିନ୍ନ ଜୀବ ବିଭିନ୍ନ ପ୍ରକାରର ପରିବେଶରେ ଯଥା ବାୟୁ, ଜଳ ଓ ମୃତ୍ତିକାରେ ବାସ କରନ୍ତି । ଗୋଟିଏ ଜୀବର ପରିବେଶ ହିଁ ତାହାର 'ପର୍ଯ୍ୟାବରଣ' ଅଟେ । ପରିବେଶ ଦୁଇଟି ଉପାଦାନରେ ଗଠିତ । i) ଭୌତିକ ଯଥା ଅଜୈବିକ ଏବଂ ii) ଜୀବିତ ବା ଜୈବିକ ଉପାଦାନ ।

ପରିବେଶର ଅଜୈବିକ ଉପାଦାନ ଗୁଡିକ ହେଉଛି ଜଳ, ବାୟୁ, ମୃତ୍ତିକା ଓ ଶକ୍ତି ବିକିରଣ ଇତ୍ୟାଦି । ପରିବେଶର ଜୈବିକ ଉପାଦାନ ଗୁଡିକ ହେଉଛି ସୂକ୍ଷ୍ମାଣୁ (ଯେପରି ବ୍ୟାକ୍ଟେରିଆ, ଶୈବାଳ, କବକ (Fungi) ) ଉଦ୍ଭିଦ ଓ ପ୍ରାଣୀ ଇତ୍ୟାଦି ।

**ଗୋଟିଏ ଜୀବର ଚତୁପାର୍ଶ୍ୱରେ ଥିବା ଜୈବିକ ଓ ଅଜୈବିକ ଉପାଦାନର ସମଷ୍ଟିକୁ ତାହାର ପରିବେଶ କୁହାଯାଏ ।**

ପରିବେଶର 4ଟି ଅଂଶ ରହିଛି । ଯଥା :- i) ଜୀବମଣ୍ଡଳ ii) ବାୟୁମଣ୍ଡଳ iii) ଜଳମଣ୍ଡଳ iv) ସ୍ଥଳ ମଣ୍ଡଳ

**ଜୀବମଣ୍ଡଳ :**

ପୃଥିବୀର ସମସ୍ତ ଭାଗ ଜୀବ ମାନଙ୍କର ବଞ୍ଚିରହିବା ପାଇଁ ସହାୟକ ହୋଇନଥାଏ । କେତେକ ଅଞ୍ଚଳ



ଟିପ୍ପଣୀ

ଅତ୍ୟଧିକ ଗରମ ଓ ଅତ୍ୟଧିକ ଥଣ୍ଡା ହେତୁ ଜୀବମାନଙ୍କର ବଞ୍ଚିରହିବା ପାଇଁ ସମ୍ଭବ ନୁହେଁ ।

ପୃଥିବୀର ଯେଉଁ ଅଞ୍ଚଳରେ ଜୀବ ବଞ୍ଚିରହେ ଓ ବଂଶବୃଦ୍ଧି କରିପାରେ, ତାହାକୁ ଜୀବମଣ୍ଡଳ କୁହାଯାଏ ।

ନିଜ ନିଜ ମଧ୍ୟରେ ଓ ପରିବେଶର ବିଭିନ୍ନ ଉପାଦାନ ମଧ୍ୟରେ ଉପଯୁକ୍ତ ସନ୍ତୁଳନ ଉପରେ ଜୀବ ବଞ୍ଚିରହିବା ନିର୍ଭର କରେ । ପରିବେଶରେ କୌଣସି କ୍ଷତି, ବିଶୃଙ୍ଖଳା ବା ପ୍ରତିକୂଳ ପରିବର୍ତ୍ତନ ଜୀବ ବଞ୍ଚିରହିବା ବା ଠିକ୍ ଭାବରେ ତିଷ୍ଠି ରହିବା ପାଇଁ ସଂକଟ ସୃଷ୍ଟି କରେ । ତେଣୁ ପରିବେଶର ଅବକ୍ଷୟ ବା କ୍ଷତି ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହେବା ଉଚିତ୍ ।

**ବାୟୁମଣ୍ଡଳ :-**

ବାୟୁମଣ୍ଡଳ କେବଳ ଗୋଟିଏ ସ୍ଥାନ, ଯେଉଁଠାରେ ମୁକ୍ତ ଅମ୍ଳଜାନ ଓ ଜଳୀୟ ବାଷ୍ପ ଉପଲବ୍ଧ ହୋଇଥାଏ । ବାୟୁମଣ୍ଡଳ, ପୃଥିବୀକୁ ଘେରି ରହିଥିବା ବାୟୁର (ଗ୍ୟାସର ମିଶ୍ରଣ) ଏକ ପତଳା ଆସ୍ତରଣ, ଯାହାକି ସମସ୍ତ ଜୀବମାନ୨ଙ୍କ ପାଇଁ ଏକ ମହାନ ଉତ୍ସ ଅଟେ ।

**ଜଳମଣ୍ଡଳ :-**

ଜୀବମଣ୍ଡଳରେ ଜଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହା ବିନା ଜୀବନ ଅସମ୍ଭବ ଅଟେ । **ଜଳ ମଣ୍ଡଳ ପୃଥିବୀର ଏକ ଅଂଶ ଯେଉଁଥିରେ ସମସ୍ତ ପ୍ରକାର ଜଳର ଉତ୍ସ ଯଥା - ସାଗର, ସମୁଦ୍ର, ନଦୀ, ହ୍ରଦ, ଗ୍ଲେସିୟର, ବରଫସ୍ତୁପ, ଭୂଗର୍ଭସ୍ଥ ଜଳ ଆଦି ରହିଛି ।**

**ସ୍ଥଳମଣ୍ଡଳ :-**

ମୃତ୍ତିକା, ସ୍ଥଳ ମଣ୍ଡଳର ଏକ ଅଂଶ ଯାହା ବଞ୍ଚିବା ପାଇଁ ସହାୟତା କରିଥାଏ । ସ୍ଥଳ ମଣ୍ଡଳ ପୃଥିବୀର ଏପରି ଏକ ଅଂଶ ଯେଉଁଠାରେ ସମସ୍ତ ପ୍ରକାର ଖଣିଜ ପଦାର୍ଥ, ଧାତୁ, ଜୈବିକ ପଦାର୍ଥ, ପଥର ଓ ମୃତ୍ତିକା ଆଦି ରହିଛି ।

## 32.2. ପରିବେଶ ପ୍ରତି ବିପଦ

ବିଭିନ୍ନ କାରଣରୁ ପରିବେଶର ଅବକ୍ଷୟ ହେଉଛି । ଗୋଟିଏ ଛୋଟିଆ ଅଞ୍ଚଳରେ କିମ୍ବା ବୃହତ୍ତ ଅଞ୍ଚଳରେ ଅବକ୍ଷୟ ଘଟିପାରେ କିନ୍ତୁ ଏହାର କୁପ୍ରଭାବ ସାରା ପୃଥିବୀରେ ଅନୁଭୂତ ହୁଏ ।

ପରିବେଶର କ୍ଷତିକୁ ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ କରାଯାଇପାରେ ।

i) ଆଞ୍ଚଳିକ ii) ବିଶ୍ୱସ୍ତରୀୟ

ଯେଉଁ ପରିବେଶ, ଗୋଟିଏ ଛୋଟିଆ ଅଞ୍ଚଳର ଜୀବ ବା ନିର୍ଜୀବ ଉପରେ ପ୍ରଭାବ ପକାଇଥାଏ ତାହାକୁ ଆଞ୍ଚଳିକ ପର୍ଯ୍ୟାବରଣୀୟ କ୍ଷତି କୁହାଯାଏ ।

ଯେଉଁ ପରିବେଶର କ୍ଷତି ପୃଥିବୀର ଏକ ବୃହତ୍ତ ଅଞ୍ଚଳର ଜୀବ ଓ ନିର୍ଜୀବ ଉପରେ ପ୍ରଭାବ ପକାଇଥାଏ ତାହାକୁ ବିଶ୍ୱସ୍ତରୀୟ ପର୍ଯ୍ୟାବରଣୀୟ କ୍ଷତି କୁହାଯାଇଥାଏ ।

କେତେକ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପର୍ଯ୍ୟାବରଣୀୟ କ୍ଷତିର ଉଦାହରଣ ନିମ୍ନରେ ଦିଆଯାଇଛି ।

**ଆଞ୍ଚଳିକ ପରିବେଶୀୟକ୍ଷତି :**

i) ଗାଡି ମୋଟରରେ ବ୍ୟବହୃତ ଜୀବାଶ୍ମ ଇନ୍ଧନ (ପେଟ୍ରୋଲ, ଡିଜେଲ)ର ଦହନ ଫଳରେ ପରିବେଶକୁ କାର୍ବନ ମନୋକ୍ସାଇଡ୍ (CO), କାର୍ବନ ଡାଇଅକ୍ସାଇଡ୍ ($CO_2$) ଏବଂ ସଲଫର ଡାଇଅକ୍ସାଇଡ୍ ଗ୍ୟାସ ନିର୍ଗତ ହୋଇଥାଏ । $SO_2$ ବାୟୁମଣ୍ଡଳରେ ଥିବା ଜଳ କଣିକା ସହିତ ମିଶି ଗନ୍ଧକାମ୍ଳ ($H_2SO_4$) ତିଆରି କରେ । ଗନ୍ଧକାମ୍ଳ ବାୟୁମଣ୍ଡଳରେ ଅମ୍ଳବୃଷ୍ଟିର କାରଣ ହୁଏ ଏବଂ ଏହା ପରିବେଶର ଏକ ଛୋଟ ଅଞ୍ଚଳରେ କ୍ଷତି କରିଥାଏ ।

ଅମ୍ଳୀୟ ବୃଷ୍ଟିର ପରିବେଶୀୟ ପ୍ରଭାବ ହେଉଛି :-

a) ମୃତ୍ତିକାରୁ ପୋଷକର ଦୂରୀକରଣ ଏବଂ



ଟିପ୍ପଣୀ

b) ଚୂନ ପଥର ଓ ମାର୍ବଲ ପରି କ୍ଷାରୀୟ ପଦାର୍ଥର ସଂକ୍ଷାରଣ ।

ii) କୀଟନାଶକ, ବିଶେଷ କରି ଡି.ଡି.ଟି. (ଡାଇକ୍ଲୋରୋ ଡାଇଫିନାଇଲ୍ ଟ୍ରାଇକ୍ଲୋରୋ ଇଥେନ୍) ଏବଂ ମଶା ଓ କୃଷି କ୍ଷେତ୍ରରେ ଥିବା କୀଟ ମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ବ୍ୟବହୃତ ଡାଇଏଲଡ୍ରିନ୍ ବାୟୁ, ମୃତ୍ତିକା, ଜଳର ପ୍ରଦୂଷକ ଅଟନ୍ତି । ପ୍ରାକୃତିକ ଅବସ୍ଥାରେ ଏମାନେ ବହୁଦିନ ଧରି ସେହି ଅବସ୍ଥାରେ ରହୁଥିବାରୁ (ଅନ୍ୟ ଜୈବ ଅବକ୍ଷୟ ଅଣୁକୁ ରୂପାନ୍ତରିତ ହୁଏ ନାହିଁ), ଏହି କୀଟ ନାଶକ ମୃତ୍ତିକାରେ ମିଶିରହେ ଏବଂ ଏହାର ପୁନଃ ପ୍ରୟୋଗ ହେତୁ ଦିନକୁ ଦିନ ଏହାର ପରିମାଣ ମୃତ୍ତିକା ଓ ଜଳରେ ବୃଦ୍ଧି ପାଏ । ଏହାର କୁପ୍ରଭାବ ପରିବେଶକୁ ସ୍ଥାନୀୟ ଭାବରେ ପ୍ରଭାବିତ କରିଥାଏ ।

iii) ସୀସା (Pb), ଦସ୍ତା (Zn), ଆର୍ସେନିକ୍ (As), ନିକେଲ (Ni) ଏବଂ ପାରଦ (Hg) ପରି ବିଷାକ୍ତ ପ୍ରଦୂଷକ ଇତ୍ୟାଦି ଲୌହ, ଶିଳ୍ପ, ଅନ୍ୟାନ୍ୟ ଧାତୁ ଶିଳ୍ପ, ସାର ଓ ଖଣିଜ ତୈଳ ଶିଳ୍ପରୁ ନିର୍ଗତ ହୋଇଥାନ୍ତି । ଏହି ବିଷାକ୍ତ ଧାତୁ ଗୁଡ଼ିକ ସ୍ଥାନୀୟ ପରିବେଶ ପାଇଁ ସମସ୍ୟା ସୃଷ୍ଟି କରିଥାନ୍ତି ।

iv) ଶିଳ୍ପରୁ ନିର୍ଗତ ବର୍ଜ୍ୟ ବସ୍ତୁରେ ଭାସମାନ ପଦାର୍ଥ, ଦ୍ରବିଭୂତ କଠିନ, ବିଷାକ୍ତ ଧାତୁ, ରାସାୟନିକ ପଦାର୍ଥ, ତୀବ୍ରଅମ୍ଳ, କ୍ଷାର, ତେଲ, ରଞ୍ଜକ ଆଦି ମିଶି ରହିଥାଏ । ଏହି ପଦାର୍ଥଗୁଡିକ ଜଳରେ ଦ୍ରବିଭୂତ ଅମ୍ଳଜାନ ପରିମାଣକୁ କମାଇ ଦିଅନ୍ତି ଏବଂ ଏହାର ଜୈବିକ କାର୍ଯ୍ୟରେ ବାଧା ସୃଷ୍ଟି କରନ୍ତି ଓ ଶେଷରେ ଜଳଜ ଜୀବମାନଙ୍କୁ ନଷ୍ଟ କରିଦିଅନ୍ତି ।

ଆମ ଦେଶରେ ପ୍ରଦୂଷଣ କାରଣରୁ ସୃଷ୍ଟ ପରିବେଶ ସଂକଟର ଦୁଇଟି ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ।

i) ମଥୁରାରେ ଥିବା ତୈଳ ବିଶୋଧନଗାରାରୁ ନିର୍ଗତ ସଲଫର ଡାଇଅକ୍ସାଇଡ୍ ($SO_2$) ପରି ବର୍ଜ୍ୟବସ୍ତୁ ତାଜମହଲ ପାଇଁ ଗମ୍ଭୀର ସଂକଟ ସୃଷ୍ଟି କରୁଛି ।

ii) 1984 ମସିହା ଡ଼ିସେମ୍ବର 2 ତାରିଖରେ ଭୋପାଳର ଇଉନିୟନ୍ କାରବାଇଡ୍ କାରଖାନାରୁ ନିର୍ଗତ MIC (ମିଥାଇଲ୍ ଆଇସୋସିଆନେଟ୍) ଗ୍ୟାସ୍ ହଜାର ହଜାର ଲୋକଙ୍କୁ ମାରିଦେଇଥିଲା ଓ ଏହି ଗ୍ୟାସର ସଂସ୍ପର୍ଶରେ ଆସିଥିବା ଲୋକଙ୍କର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥିଲା ।

<u>ବିଶ୍ୱ ପରିବେଶୀୟ କ୍ଷତି :</u>

ବିଶ୍ୱରେ ପରିବେଶର କେତୋଟି କ୍ଷତି ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଯାଉଛି ।

i) ରେଫ୍ରିଜେରେଟରରେ ପ୍ରଶୀତ୍ରିକ ଭାବେ ବ୍ୟବହାର କରାଯାଉଥିବା କ୍ଲୋରୋଫ୍ଲୋରୋ କାର୍ବନ (CFC) ଏବଂ ବିଭିନ୍ନ ପ୍ରକାର ସ୍ପ୍ରେୟର ବା ସଲ୍ (ଯଥା : ସୁଗନ୍ଧ, ବାୟୁ ଫ୍ରେସନର ଆଦି)ରେ ବ୍ୟବହୃତ CFC ଓଜନ୍ ସ୍ତରରେ ଗର୍ତ୍ତ ସୃଷ୍ଟିକରେ । ଓଜନ ଗର୍ତ୍ତର କାରଣ ହେଉଛି CFC ସହିତ ଓଜୋନର ପ୍ରତିକ୍ରିୟା ଘଟି ଓଜନ ଅଣୁର ପରିମାଣ କମିଯାଏ । ଯେଉଁଠାରେ ଏହି ରାସାୟନିକ ପଦାର୍ଥ ବ୍ୟବହାର ହୁଏ, ସେହିଠାରେ ଏହି ଗର୍ତ୍ତ ସୃଷ୍ଟି ନହୋଇ ଅନ୍ୟ ଯେ କୌଣସି ସ୍ଥାନରେ ଗର୍ତ୍ତ ସୃଷ୍ଟି ହୁଏ ।

ii) ଏହି ଓଜୋନ୍ ଗର୍ତ୍ତ ମଧ ଦେଇ ଅତି ବାଇଗଣି ବିକିରଣ ପୃଥିବୀ ଉପରେ ପଡେ ଏବଂ ପୃଥିବୀ ଦ୍ୱାରା ପ୍ରତିଫଳିତ ବିକିରଣକୁ $CO_2$ ଓ ଜଳୀୟବାଷ୍ପ ଆଦି ଶୋଷଣ କରିନିଏ । ବିଶୋଷିତ ବିକିରଣ ଅଧିକରୁ ଅଧିକ ତାପ ଉତ୍ପନ୍ନ କରିଥାଏ, ଯାହା ଫଳରେ <u>ବିଶ୍ୱତାପନ</u> ପରି ଘଟଣା ମାନ ଘଟିଥାଏ । ଏହାକୁ ସବୁଜ କୋଠରୀ (ଗ୍ରୀନ ହାଉସ) ପ୍ରଭାବ ମଧ କୁହାଯାଏ ।

ବିଶ୍ୱ ପରିବେଶ ଜନିତ କ୍ଷତି ଏକ ବୃହତ୍ତ କ୍ଷେତ୍ରର ପରିବେଶର ଗୁଣକୁ ପ୍ରଭାବିତ କରିଥାଏ ଏବଂ ଯେଉଁଠାରେ କ୍ଷତି ସୃଷ୍ଟି ହୋଇଥାଏ ସେହି ସ୍ଥାନରେ ସୀମାବଦ୍ଧ ହୋଇ ରହିନଥାଏ । ଏହାର ସୁଦୂର

ଟିପ୍ପଣୀ

ପ୍ରସାରୀ ପ୍ରଭାବ ଗ୍ଲେସିୟର ତରଳାଏ ବା ପୋଲାର କ୍ୟାପ ତରଳାଏ ସମୁଦ୍ରର ଜଳ ପତନ ବୃଦ୍ଧି କରାଏ ଏବଂ ସମୁଦ୍ର ଉପକୂଳ ଅଞ୍ଚଳରେ ବନ୍ୟା ସୃଷ୍ଟି କରେ ।

**ପାଠଗତ ପ୍ରଶ୍ନ : 32.1**

1. ପରିବେଶ ର ସଂଜ୍ଞା ଲେଖ ।

 ______________________________

2. ପରିବେଶର ଦୁଇଟି ଉପାଦାନ କ'ଣ ?

 ______________________________

3. ତିନୋଟି ଜୈବିକ ଉପାଦାନର ନାମ ଲେଖ ?

 ______________________________

4. ଦୁଇଟି ବିଷାକ୍ତ ଧାତୁର ନାମ ଲେଖ ଯାହା ଜଳକୁ ପ୍ରଦୂଷିତ କରେ ।

 ______________________________

5. CFC ଗୁଡ଼ିକ ଓଜୋନ୍ ସ୍ତରକୁ କିପରି ପ୍ରଭାବିତ କରେ ?

 ______________________________

6. ପରିବେଶର ବିଭିନ୍ନ ଅଂଶ ଗୁଡ଼ିକ କ'ଣ ?

 ______________________________

## 32.3. ପ୍ରଦୂଷଣ

ପ୍ରାଚୀନ କାଳରେ ନଦୀ କୂଳରେ ଜନବସତି ଗଢ଼ିଉଠିଥିଲା, କାରଣ ନଦୀ ମୌଳିକ ଭିତ୍ତିଭୂମି ଯୋଗାଇ ପାରିଥିଲା । ଜନସଂଖ୍ୟା ବୃଦ୍ଧି ଘଟିବାରୁ ଲୋକମାନେ ନଦୀ କୂଳରୁ ଅନ୍ୟ ସ୍ଥାନରୁ ଯିବାକୁ ବାଧ ହେଲେ । ସେମାନେ ଗଛ ଓ ମାଟି ଇତ୍ୟାଦି ପ୍ରାକୃତିକ ସଂପଦ ବ୍ୟବହାର କରି ବାସସ୍ଥଳୀ ନିର୍ମାଣ କରିବାକୁ ଆରମ୍ଭ କଲେ । ସେମାନେ ଯେଉଁଠାରେ ରହିଲେ ସେଠାରେ ଅଧିକ ବର୍ଜ୍ୟବସ୍ତୁ ଗଦା ହେବାକୁ ଲାଗିଲା । ମଣିଷ ନିଜେ ପରିବେଶକୁ ପରିଷ୍କାର ରଖିବାର ଉପାୟ ଚିନ୍ତା କଲା । ନିଜର ସୁବିଧା ପାଇଁ ବ୍ୟବହୃତ ସାମଗ୍ରୀର ଉତ୍ପାଦନ ପାଇଁ ଶିଳ୍ପ ସ୍ଥାପନ କଲା । ବର୍ଦ୍ଧିତ ଜନ ସଂଖ୍ୟାର ଆବଶ୍ୟକତା ପୂରଣ ପାଇଁ ଅଧିକ ଖାଦ୍ୟ ଉତ୍ପାଦନ ନିମନ୍ତେ କୀଟନାଶକ ଓ ରାସାୟନିକ ସାର କାରଖାନା ସ୍ଥାପନ କଲା । ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ଜଳ ଉତ୍ସରେ ମିଶିବାକୁ ଆରମ୍ଭ କଲା । କୀଟନାଶକ ଏବଂ ରାସାୟନିକ ପଦାର୍ଥ ପ୍ରାକୃତିକ ଜଳ ଉତ୍ସ ଯଥା, ସମୁଦ୍ର, ନଦୀ, ହ୍ରଦ ଓ ପୋଖରୀରେ ମିଶି ଜଳଜ ଜୀବମାନଙ୍କର ସ୍ୱାସ୍ଥ୍ୟକୁ ପ୍ରଭାବିତ କଲା । ପାନୀୟ ଉପଯୋଗୀ ଜଳର ପରିମାଣ କମିଗଲା । ଏହି ସବୁଗୁଡ଼ିକ ମଣିଷ ସମେତ ସମସ୍ତ ଜୀବ ଜଗତକୁ ଅତ୍ୟଧିକ ପ୍ରଭାବିତ କଲା । ମଣିଷର ବିଭିନ୍ନ କାର୍ଯ୍ୟା ବଳୀରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ, ଯାହା ପ୍ରାକୃତିକ ପରିବେଶକୁ ନଷ୍ଟ କଲା, ତାହାକୁ ପ୍ରଦୂଷକ କୁହାଯାଏ । ପ୍ରଦୂଷକ ଦ୍ୱାରା ପ୍ରାକୃତିକ ପରିବେଶର କ୍ଷତିକୁ ପ୍ରଦୂଷଣ କୁହାଯାଏ ।

ପ୍ରାକୃତିକ ସଂପଦ, ଯଥା ବାୟୁ, ଜଳ ଓ ମୃତ୍ତିକା ଆଦିରେ ଅନାବଶ୍ୟକ ପଦାର୍ଥ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ରହିଲେ ବା ଏହିସବୁ ପ୍ରାକୃତିକ ସଂପଦର ଗୁଣର ହ୍ରାସ ଘଟାଇଲେ, ଏହାକୁ ପ୍ରଦୂଷଣ କୁହାଯାଏ ।

## 32.4. ପ୍ରଦୂଷକ

ଯେଉଁ ପଦାର୍ଥ କଠିନ, ଅର୍ଦ୍ଧ କଠିନ, ତରଳ, ଗ୍ୟାସ ବା ଉପ ଅଣୁ କଣିକା ରୂପରେ ଅଧିକ ମାତ୍ରାରେ ପରିବେଶରେ ମିଶିଥାଏ ତାହାକୁ ପ୍ରଦୂଷକ କୁହାଯାଏ ଏବଂ ପରିବେଶ ଉପରେ ଏହାର କୁପ୍ରଭାବ ରହିଥାଏ । ପ୍ରଦୂଷକକୁ ନିମ୍ନ ରୂପରେ ଶ୍ରେଣୀ ବିଭାଗ କରାଯାଇପାରେ । (ଚିତ୍ର 32.1




ଚିତ୍ର 32.1 ପ୍ରଦୂଷକର ଶ୍ରେଣୀ ବିଭାଗ ।



ଟିପ୍ପଣୀ

### 32.4.1 ପ୍ରାକୃତିକ ପ୍ରଦୂଷକ

ଅନେକ ପ୍ରକାର ପ୍ରାକୃତିକ ଉତ୍ସ ଅଛି ଯାହା ପ୍ରଦୂଷଣର କାରଣ ହୋଇଥାଏ । ସେମାନଙ୍କ ମଧ୍ୟରୁ କେତୋଟିର ତାଲିକା ନିମ୍ନରେ ଦିଆଗଲା ।

i) ଗଛକୁ ବିଜୁଳି ମାରିଲେ ଜଙ୍ଗଲରେ ନିଆଁ ଲାଗିଯାଏ । ଗଛ ଜଳିଲେ ବହୁତ ପରିମାଣର $CO_2$ ଉତ୍ପନ୍ନ ହୁଏ ଓ ଏହା ବାୟୁମଣ୍ଡଳରେ ମିଶେ ।

ii) ମୃତ୍ତିକା କ୍ଷୟ ହେତୁ ଭାସମାନ କଣିକା ଓ ଧୂଳିକଣା ବାୟୁମଣ୍ଡଳରେ ମିଶେ । ବର୍ଷା ଜଳ ବା ପ୍ରାକୃତିକ ଜଳ ସ୍ରୋତ ଦ୍ୱାରା ଧୋଇହୋଇ ଏମାନେ ଜଳ ଉତ୍ସରେ ମିଶନ୍ତି ।

iii) ଆଗ୍ନେୟଗିରୀ ଉଦ୍ଗୀରଣ ମଧ୍ୟ $SO_2$ ଓ କଠିନ କଣିକା ପରିବେଶରେ ମିଶାଇଥାଏ ।

iv) ଗଛପତ୍ର ଏବଂ ମୃତ ପ୍ରାଣୀମାନଙ୍କଠାରୁ ନିର୍ଗତ ଉଦ୍‌ବାୟୁ ଜୈବିକ ପଦାର୍ଥ ପ୍ରାକୃତିକ ରୂପରେ ବାୟୁମଣ୍ଡଳରେ ମିଶି ଥାଏ ।

v) ପ୍ରାକୃତିକ ତେଜଷ୍କ୍ରିୟ କଣିକା ଏବଂ ଅନ୍ୟାନ୍ୟ ପ୍ରାକୃତିକ ପ୍ରଦୂଷକ ବର୍ଷ ବର୍ଷ ଧରି ପରିବେଶରେ ମିଶି ଆସୁଛନ୍ତି (କିନ୍ତୁ କମ୍ ମାତ୍ରାର ପ୍ରଦୂଷଣ ଜୀବମାନଙ୍କ ପାଇଁ କ୍ୱଚିତ୍ ସଂକଟ ସୃଷ୍ଟି କରେ) ।

### 32.4.2. ମନୁଷ୍ୟକୃତ ପ୍ରଦୂଷକ

ମନୁଷ୍ୟର କ୍ରମ ବର୍ଦ୍ଧିଷ୍ଣୁ କାର୍ଯ୍ୟକଳାପ ଯୋଗୁ ବହୁତ ପରିମାଣର ପ୍ରଦୂଷକ ପରିବେଶରେ ମିଶି ଏହାପ୍ରତି ସଂକଟ ସୃଷ୍ଟି କରନ୍ତି । ମଣିଷର କାର୍ଯ୍ୟକଳାପ ଯୋଗୁ ପରିବେଶରେ ଯେଉଁ ପ୍ରଦୂଷକ ମିଶନ୍ତି ତାହାକୁ ମାନବ ସୃଷ୍ଟ ପ୍ରଦୂଷକ କୁହାଯାଏ । ଏହା ଦୁଇ ପ୍ରକାରର ।

**i)** **ପ୍ରାଥମିକ ପ୍ରଦୂଷକ :** ପ୍ରାଥମିକ ପ୍ରଦୂଷକ କ୍ଷତିକାରକ ରୂପରେ ପ୍ରତ୍ୟକ୍ଷ ଭାବରେ ବାୟୁମଣ୍ଡଳରେ ମିଶିଥାଏ । ଯଥା - ଜୀବାଶ୍ମ ଇନ୍ଧନର ଦହନ ଫଳରେ ସୃଷ୍ଟ $CO_2$ ଓ $CO$, ଯାନବାହନ ଓ ତାପଜବିଦ୍ୟୁତ କେନ୍ଦ୍ର (ଥର୍ମାଲ ପାୱାର ଷ୍ଟେସନ)ରୁ $SO_2$ ଓ ନାଇଟ୍ରୋଜେନ୍ ଅକ୍ସାଇଡ୍ ।

**ii)** **ଦ୍ୱିତୀୟକ ପ୍ରଦୂଷକ :** ପ୍ରାଥମିକ ପ୍ରଦୂଷକ ଓ ପରିବେଶର ଉପାଦାନ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟି ଦ୍ୱିତୀୟକ ପ୍ରଦୂଷକ ଉତ୍ପନ୍ନ ହୁଏ ।

$$2SO_2 + O_2 \rightarrow 2SO_3$$

ଏଠାରେ ପ୍ରାଥମିକ ପ୍ରଦୂଷକ $SO_2$, ବାୟୁମଣ୍ଡଳର ଅମ୍ଳଜାନ ସହିତ ପ୍ରତିକ୍ରିୟା କରି $SO_3$ ସୃଷ୍ଟିକରେ । ପୁନଶ୍ଚ ବାୟୁମଣ୍ଡଳରେ ଥିବା ଜଳୀୟ ବାଷ୍ପ ସହିତ $SO_3$ ପ୍ରତିକ୍ରିୟା କରି $H_2SO_4$ ସୃଷ୍ଟି କରେ । ତେଣୁ $SO_3$ ଏବଂ $H_2SO_4$ ଦ୍ୱିତୀୟକ ପ୍ରଦୂଷକ ।

$$SO_3 + H_2O \rightarrow H_2SO_4$$

$$2NO + O_2 \rightarrow 2N0_2$$

ପ୍ରାଥମିକ ପ୍ରଦୂଷକ ନାଇଟ୍ରିକ ଅକ୍ସାଇଡ୍ ଅମ୍ଳଜାନ ସହିତ ପ୍ରତିକ୍ରିୟା କରି $NO_2$ ସୃଷ୍ଟିକରେ । ଯାହା ଏକ ଦ୍ୱିତୀୟକ ପ୍ରଦୂଷକ । ଉଦ୍ୟୋଗିକ ଉତ୍ସକୁ ଆଧାର କରି ମନୁଷ୍ୟକୃତ ପ୍ରଦୂଷକକୁ ମଧ୍ୟ ପୁନଶ୍ଚ ଶ୍ରେଣୀ ବିଭାଗ କରାଯାଇଛି ।



ଟିପ୍ପଣୀ

i) ଉଦ୍ୟୋଗିକ ପ୍ରଦୂଷକ

ii) ଘରୋଇ ପ୍ରଦୂଷକ

**i) ଉଦ୍ୟୋଗିକ ପ୍ରଦୂଷକ :** କାଗଜ, କପଡା ଓ ଚମଡା କାରଖାନା, ପାତନଶିଳ୍ପ (Distilleries) କାରଖାନା ବିଭିନ୍ନ ପ୍ରକାରର ଖାଦ ଯଥା ତେଲ, ଗ୍ରୀଜ୍, ପ୍ଲାଷ୍ଟିକ୍ ଏବଂ ଧାତବ ପଦାର୍ଥ ପରିବେଶକୁ ନିର୍ଗତ କରନ୍ତି ।

**ii) ଘରୋଇ ପ୍ରଦୂଷକ :** ଅପମାର୍ଜକ, ଫ୍ଲୋରାଇଡ୍ ଦାନ୍ତମଞ୍ଜକ, ଖାଦ୍ୟ ରଙ୍ଗ, ଖାଦ୍ୟରେ ମିଶାଯାଉଥିବା ସୁଗନ୍ଧି, ପଲିଥିନ ବ୍ୟାଗ ଏବଂ ଘୋଡଣୀ ପ୍ରଦୂଷକ ରୂପରେ ପରିବେଶରେ ମିଶିଥାଏ । ପଶୁମାନଙ୍କ ପାକସ୍ଥଳୀରେ ଓ ପାଣି ରହିଥିବା ଧାନ ଜମିରେ ଥିବା ସ୍ଥିର ଜଳରେ ମିଥେନ୍ ଗ୍ୟାସ ସୃଷ୍ଟି ହୁଏ । ଏହା ମଧ ଘରୋଇ ପ୍ରଦୂଷକ ।

## ପାଠ୍ୟଗତ ପ୍ରଶ୍ନ 32.2

1. ପ୍ରଦୂଷଣର ସଂଜ୍ଞା ଲେଖ ।

___

2. ପ୍ରାକୃତିକ ପ୍ରଦୂଷଣର ଦୁଇଟି ଉତ୍ସର ନାମ ଲେଖ ।

___

3. ଦ୍ୱିତୀୟକ ପ୍ରଦୂଷକର ସଂଜ୍ଞା ଲେଖ ।

___

4. ପରିବେଶ ପ୍ରଦୂଷଣ କହିଲେ କ'ଣ ବୁଝ ?

___

## 32.5 ପ୍ରଦୂଷକର ଉତ୍ସ

ଆମ ପରିବେଶର ବହୁତ ପ୍ରଦୂଷକ ପ୍ରାକୃତିକ ଉପାୟରେ ଏବଂ ମନୁଷ୍ୟ ଦ୍ୱାରା ଉତ୍ପତ୍ତି ହୋଇଥାଏ । ଆଗ୍ନେୟଗିରୀର ଉଦ୍‌ଗିରଣରୁ ନିର୍ଗତ ସଲଫର ଡାଇଅକ୍‌ସାଇଡ୍ ($SO_2$), ବାୟୁ ଓ ଜଳ ଦ୍ୱାରା ମୃତ୍ତିକା କ୍ଷୟ, ବର୍ଷା ଜଳ ଦ୍ୱାରା ନଦୀ ଓ ସମୁଦ୍ରକୁ ପ୍ରବାହିତ ଖଣିଜ ଲବଣ ଇତ୍ୟାଦି ପ୍ରାକୃତିକ ପ୍ରଦୂଷକର ଉଦାହରଣ । ପ୍ରଦୂଷକ ଉତ୍ସର ବିଭିନ୍ନ ଶ୍ରେଣୀଗୁଡ଼ିକ ହେଲା : i) ସ୍ଥିର ଉତ୍ସ ଓ ii) ଗତିଶୀଳ ଉତ୍ସ

**ସ୍ଥିର ଉତ୍ସ :** ଯେଉଁ ପ୍ରଦୂଷକ ଏକ ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ନିର୍ଦ୍ଧାରିତ ଅଞ୍ଚଳରୁ ନିର୍ଗତ ହୁଏ, ତାହାକୁ ସ୍ଥିର ଉତ୍ସ କୁହାଯାଏ । ଉଦାହରଣ - ବିଦ୍ୟୁତ୍ ପ୍ରକଳ୍ପ,ସ୍ମେଲ୍‌ଟର (ପ୍ରଗଳକ) ଓ ଖଣି ଆଦିରୁ ନିର୍ଗତ ଧୂଆଁ ।

**ଗତିଶୀଳ ଉତ୍ସ :** ଯେଉଁ ପ୍ରଦୂଷକ ଏକ ବିସ୍ତାରିତ ସ୍ରୋତ ବା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗତିଶୀଳ ସ୍ରୋତରୁ ନିର୍ଗତ ହୁଏ ତାହାକୁ ଗତିଶୀଳ ଉତ୍ସ କୁହାଯାଏ । ସ୍ୱୟଂ ଚାଳିତ ଗାଡି, ବସ, ଉଡାଜାହାଜ, ଜାହାଜ ଓ ରେଳ ଇତ୍ୟାଦି ଗତିଶୀଳ ଉତ୍ସ । ବାୟୁର ପ୍ରଦୂଷକ ଓ ସେମାନଙ୍କର ପ୍ରଭାବ ସାରଣୀ 32.1 ରେ ଦିଆଯାଇଛି ।

ସାରଣୀ 32.1 ମୁଖ୍ୟ ବାୟୁପ୍ରଦୂଷକର ଉତ୍ସ ଏବଂ ଏହାର ପ୍ରଭାବ

| ବାୟୁର ମୁଖ୍ୟ ପ୍ରଦୂଷକ | ପ୍ରଦୂଷକର ଉତ୍ସ | ପ୍ରଦୂଷକର ପ୍ରଭାବ |
|---|---|---|
| $SO_2$ | ଯାନବାହନ ଓ ଜୀବାଶ୍ମ ଇନ୍ଧନର ଦହନ | ଆଖି ପୋଡିବା, ଅମ୍ଳ ବୃଷ୍ଟି, ଅବିକଶିତ ପତ୍ର ଝଡିବା, |
| $CO$, $CO_2$ | ଯାନବାହାନ, ହାଇଡ୍ରୋକାର୍ବନ | ବିଶ୍ୱତାପନ, ସବୁଜ କୋଠରୀ ପ୍ରଭାବ |





| | | |
|---|---|---|
| | ଓ ଅନ୍ୟ ଇନ୍ଧନର ଦହନ | COର ହେମୋଗ୍ଲୋବିନ ପ୍ରତି ଅତ୍ୟଧିକ ଆକର୍ଷଣ ରହିଥିବାରୁ ଏହା କାରବୋକ୍ସି ହେମୋଗ୍ଲୋବିନ୍ ସୃଷ୍ଟି କରେ । |
| ଧୂଆଁ, ଉଡ଼ନ୍ତାପାଉଁଶ ଏବଂ ଅନ୍ଦୁ | ତାପଜ ବିଦ୍ୟୁତ୍ କେନ୍ଦ୍ର | ଶ୍ୱାସ ରୋଗ |
| ସୀସା ଓ ପାରଦ | ଗ୍ୟାସୋଲିନ୍‌ରୁ ଉତ୍ପନ୍ନ ଧୂଆଁ, ପ୍ରଲେପ, ବ୍ୟାଟେରୀ, ଓ ଜୀବାଶ୍ମ ଇନ୍ଧନର ଦହନ | ସ୍ନାୟୁ ତନ୍ତ୍ର ଓ ରକ୍ତ ସଞ୍ଚାଳନ ତନ୍ତ୍ରକୁ ପ୍ରଭାବିତ କରେ । ଫଳରେ ସ୍ନାୟୁ ଓ ମସ୍ତିଷ୍କର କ୍ଷତି ଘଟେ । |
| CFC | ପ୍ରଶୀତ୍ରିକ ଓ ଏରୋସଲ୍ | ବୃକକର କ୍ଷତି ଏବଂ ଓଜୋନ ସ୍ତର ହ୍ରାସ । |

ସାରଣୀ 32.2 ପ୍ରମୁଖ ଜଳ ପ୍ରଦୂଷକ, ଏହାର ଉତ୍ସ ଏବଂ ପ୍ରଭାବ

| **ଜଳର ମୁଖ୍ୟ ପ୍ରଦୂଷକ** | **ପ୍ରଦୂଷକର ଉତ୍ସ** | **ପ୍ରଦୂଷକର ପ୍ରଭାବ** |
|---|---|---|
| DDT ଓ BHC ପିଡକ ନାଶୀ ଏବଂ କୀଟନାଶକ | କୃଷି କ୍ଷେତ୍ରରେ ଅସଦୁପଯୋଗ ଓ ମୂଷା ନିବାରକ | ମାଛ, ପରଭକ୍ଷି, ପକ୍ଷୀ ଏବଂ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ ପାଇଁ କ୍ଷତି କାରକ । |
| ପ୍ଲାଷ୍ଟିକ | ଗୃହ ଓ କାରଖାନା | ମାଛ ଏବଂ ଗାଈ ପରି ପଶୁମାନେ ମୃତ୍ୟୁ ବରଣ କରନ୍ତି । |
| କ୍ଲୋରିନ୍‌ର ଯୌଗିକ | କ୍ଲୋରିନ ଦ୍ୱାରା ଜଳର ବିସଂକ୍ରମଣ କାଗଜ ଓ ବ୍ଲିଚିଙ୍ଗ୍ ପାଉଡର କାରଖାନା । | ପ୍ଲାଙ୍କଟନ୍ ପାଇଁ କ୍ଷତିକାରକ (କାରଖାନା ଜଳର ଉପରେ ଭାସୁଥିବା ଜୀବ) ଖରାପ ଦୁର୍ଗନ୍ଧ ଓ ସ୍ୱାଦ ଅରୁଚକର, ମନୁଷ୍ୟ ଶରୀରରେ କ୍ୟାନସର ସୃଷ୍ଟିକାରୀ । |
| ସୀସା | ସୀସାଯୁକ୍ତ ଗ୍ୟାସୋଲିନ୍ ପ୍ରଲେପ ଇତ୍ୟାଦି । | ଜୀବମାନଙ୍କ ପାଇଁ ବିଷାକ୍ତ |
| ପାରଦ | ପ୍ରାକୃତିକ ବାଷ୍ପନ, କାରଖାନାରୁ ନିର୍ଗତ ଦ୍ରବିଭୂତ ବର୍ଜ୍ୟବସ୍ତୁ, କବକ ନାଶୀ | ମନୁଷ୍ୟ ପାଇଁ ଅଧିକ ବିଷାକ୍ତ |
| ଅମ୍ଳ | ଖଣିଜ ପ୍ରବାହ, କାରଖାନା ବର୍ଜ୍ୟବସ୍ତୁ | ଜୀବ ବିନାଶକ |
| ସ୍ତର (ଅବକ୍ଷେପ) | ପ୍ରାକୃତିକ କ୍ଷୟ, ସାର ଓ ଅନ୍ୟାନ୍ୟ କାରଖାନାରୁ ବହି ଆସୁଥିବା ପଦାର୍ଥ, ଖଣିଖନନ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ | ଜଳର ଅମ୍ଳଜାନ ଦ୍ରବିଭୂତ କରିବାର କ୍ଷମତା କମାଇଦିଏ । |

**ସଂକ୍ରମଣ**

ବାୟୁ, ଜଳ, ମୃତ୍ତିକାରେ ଅନାବଶ୍ୟକ ପଦାର୍ଥର ଉପସ୍ଥିତି, ଯାହା ଏହାକୁ ନିର୍ଦ୍ଦିଷ୍ଟ ବ୍ୟବହାର ପାଇଁ ଅନୁପଯୁକ୍ତ କରାଯାଇଥାଏ, ତାହାକୁ ସଂକ୍ରମଣ କୁହାଯାଏ । ଉଦାହରଣ ସ୍ୱରୂପ ଗାଡି ଓ ମୋଟର ଜାନରୁ ବାହାରୁ ଥିବା କ୍ଷତିକାରକ ପଦାର୍ଥ ବାୟୁକୁ ସଂକ୍ରମିତ କରେ, ଯଦି ଏହାର ସାନ୍ଦ୍ରତା





କ୍ଷତିକରିବାର ସ୍ତରକୁ ଅତିକ୍ରମ କରିଯାଏ, ତେବେ ଏହାକୁ ପ୍ରଦୂଷକ କୁହାଯାଏ ।

## 32.6 ଧ୍ୱନି ପ୍ରଦୂଷଣ

ଯେକୌଣସି ପ୍ରକାର ଅବାଞ୍ଛିତ ଶବ୍ଦକୁ ଧ୍ୱନି ପ୍ରଦୂଷଣ କୁହାଯାଏ । ତୁମେ ଜାଣ ଯେ ଭିଡ଼ ସମୟରେ ଗାଡିମୋଟରର ଗମନା ଗମନରୁ, ଡ଼ାକବାଜି ଯନ୍ତ୍ରରୁ ଓ ନିର୍ମାଣ ଆଦି କାର୍ଯ୍ୟ କରିବାବେଳେ ଧ୍ୱନି ସୃଷ୍ଟି ହୋଇଥାଏ । କାରଖାନାରେ ମଧ ପ୍ରତିଦିନ କର୍ମଚାରୀ ମାନଙ୍କୁ ଅଧିକ ସମୟ ପାଇଁ ଧ୍ୱନୀର ସାମନା କରିବାକୁ ପଡିଥାଏ । ବହୁ ସମୟ ଧରି ଉଚ୍ଚ ଧ୍ୱନୀକୁ ଶ୍ରବଣ କରିବା କ୍ଷତିକାରକ ଅଟେ । ଧ୍ୱନୀକୁ ଡେସିବେଲ ରେ (db) ମାପ କରାଯାଇଥାଏ । ଡ଼େସିବେଲ ଏକ ମାପକ ଯାହା ଧ୍ୱନୀର ତିବ୍ରତାକୁ ସୁଚାଇଥାଏ ।

ଗୋଟିଏ ଶାନ୍ତ କୋଠରୀରର ଧ୍ୱନୀସ୍ତର 20 db, କାର ଏବଂ ଘରୋଇ ଉପକରଣ 70 db ଏବଂ ଟ୍ରକର ହର୍ଣ୍ଣ 110 db ର ଧ୍ୱନୀ ସୃଷ୍ଟିକରେ । ଧ୍ୱନୀର କ୍ଷତିକାରକ ପ୍ରଭାବ ମଣିଷ ଶରୀର ଉପରେ ପଡିଥାଏ । 70 - 80 db ଧ୍ୱନୀ ଚିଡିଚିଡା ଭାବ ଓ ରାଗ ଉତ୍ପନ୍ନ କରିଥାଏ । ଏହି ସ୍ତର ଠାରୁ ଅଧିକ ହେଲେ ଶ୍ୱସନ ହାର ପ୍ରଭାବିତ ହୁଏ, ରକ୍ତବାହୀ ନଳୀ ସଂକୁଚିତ ହୋଇପାରେ, ଖାଦ୍ୟ ନଳୀର ଗତି ବିଗଡିଯାଇପାରେ, ଗ୍ରନ୍ଥିର ସ୍ରାବ ପ୍ରଭାବିତ ହୋଇପାରେ । ବହୁସମୟ ଧରି ଉଚ୍ଚ ସ୍ତରର ଧ୍ୱନୀ ଶୁଣିବା ଫଳରେ ଶ୍ରବଣ ଶକ୍ତିରେ ହ୍ରାସ ଘଟିପାରେ ।

ବିଭିନ୍ନ ଅଞ୍ଚଳ ପାଇଁ ଧ୍ୱନୀର ମାନ ସ୍ଥିର କରାଯାଇଛି । ଡାକ୍ତରଖାନା, ନ୍ୟାୟାଳୟ, ବିଦ୍ୟାଳୟ ତଥା ଅନ୍ୟ ପ୍ରତିଷ୍ଠାନର 100 ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ଶାନ୍ତ ଅଞ୍ଚଳ ଘୋଷଣା କରାଯାଇଛି । ଗାଡିର ହର୍ଣ୍ଣ ବଜାଇବା, ବାଣ ଫୁଟାଇବା, ଡ଼ାକବାଜି ଯନ୍ତ୍ର ବଜାଇବା, ବୁଲାବିକାଳି ମାନଙ୍କର ଉଚ୍ଚସ୍ୱରରେ ନିଜର ପଦାର୍ଥ ବିକ୍ରିକୁ ନିଷେଧ କରାଯାଇଛି । ଧ୍ୱନୀର ସ୍ତର 50 db ରୁ କମ୍ ରଖିବା ଉଚିତ୍ । ଏହି ପ୍ରକାର ନିୟନ୍ତ୍ରଣ କଳକାରଖାନା ଓ ବାଣିଜ୍ୟିକ ସଂଗଠନ ଉପରେ ମଧ ଲଗାଯାଇଛି ।

**ପ୍ରଦୂଷଣ ରୋକିବା ପାଇଁ ସାମ୍ବିଧାନିକ ମାନଦଣ୍ଡ**

ପରିବେଶକୁ ବଞ୍ଚାଇବା ପାଇଁ ଉତ୍ତମ ପନ୍ଥା ହେଉଛି ପ୍ରଥମରୁ ପ୍ରଦୂଷକ ଉତ୍ପନ୍ନ ହେବାକୁ ନଦେବା । ଶିଳ୍ପଜନିତ ପ୍ରଦୂଷଣ ପାଇଁ ସ୍ୱତନ୍ତ୍ର ଭାବରେ ସାମ୍ବିଧାନିକ ମାପଦଣ୍ଡ ପ୍ରଚଳନ କରାଯାଇଛି । (ସାରଣୀ 32.3) । ଏହି ଆଇନଗତ ମାନଦଣ୍ଡର ଲକ୍ଷଣ ହେଉଛି କେନ୍ଦ୍ର ସରକାରଙ୍କର ରାଜ୍ୟପାଇଁ ନୀତି ପ୍ରଣୟନ କରିବା ଓ ତାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟକୁ ଅଧିକାର ଦେବା, ଯାହା ପୂର୍ବ ନିୟମରେ ନଥିଲା ।

ସାରଣୀ 32.3 ଭାରତରେ ସାମ୍ବିଧାନିକ ପ୍ରଦୂଷଣ ନିୟନ୍ତ୍ରଣ ଆଇନ

| ଅଧିନିୟମ | ବର୍ଷ |
|---|---|
| ଭାରତୀୟ ବନ ଅଧିନିୟମ | 1927 |
| ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ | 1972 |
| ଜଳ (ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପ୍ରତିରୋଧ) ଅଧିନିୟମ | 1974 |
| ବାୟୁ (ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପ୍ରତିରୋଧ) ଅଧିନିୟମ | 1981 |
| ପରିବେଶ ସଂରକ୍ଷଣ ଅଧିନିୟମ | 1986 |
| ରାଷ୍ଟ୍ରୀୟ ପରିବେଶ ନ୍ୟାୟାଧିକରଣ ଅଧିନିୟମ | 1995 |

ଜଳ ଅଧିନିୟମ (1974), ବାୟୁ ଅଧିନିୟମ (1981) ଏବଂ ପରିବେଶ ସଂରକ୍ଷଣ ଅଧିନିୟମ (1995) ପରି ପ୍ରଦୂଷଣ ସମ୍ପର୍କିତ ନିୟମଗୁଡ଼ିକ ବ୍ୟକ୍ତିଗତ ଭାବରେ କାହାକୁ ପ୍ରଦୂଷଣ ଜନିତ କ୍ଷତି ପାଇଁ ନ୍ୟାୟାଳୟର ଆଶ୍ରୟ ନେବାକୁ ଅଧିକାର ଦେଇନାହିଁ । କେବଳ ରାଜ୍ୟ ସରକାରଙ୍କ ସଂସ୍ଥାମାନଙ୍କୁ ଏହି ଅଧିକାର ଦିଆଯାଇଛି ।



ଟିପ୍ପଣୀ

## ପାଠଗତ ପ୍ରଶ୍ନ 32.3

1. $SO_2$ ଓ CO ର ମନୁଷ୍ୟ ଉପରେ ପଡୁଥିବାକୁ ପ୍ରଭାବର ଗୋଟିଏ ଗୋଟିଏ ଉଦାହରଣ ଦିଅ ।

2. ସୀସା ଓ CFC ପ୍ରଦୂଷଣର ଗୋଟିଏ ଗୋଟିଏ ଉତ୍ସର ନାମ ଲେଖ ।

3. ପରିବେଶରେ ମନୁଷ୍ୟ ଦ୍ୱାରା ସୃଷ୍ଟ ଦୁଇଟି ମୁଖ୍ୟ ପ୍ରଦୂଷକ ଉତ୍ସର ନାମ ଲେଖ ।

4. ପ୍ରଦୂଷଣର ସ୍ଥିର ଉତ୍ସର ଦୁଇଟି ଉଦାହରଣ ଦିଅ ।

## ତୁମେ କ'ଣ ଶିଖିଲ

- ଆମ ରହୁଥିବା ଚତୁପାର୍ଶ୍ୱକୁ ଆମର ପରିବେଶ କୁହାଯାଏ ।
- ପରିବେଶର ଦୁଇଟି ଉପାଦାନ ଅଛି : ଅଜୈବିକ ଓ ଜୈବିକ ।
- ପ୍ରାକୃତିକ ପରିବେଶରେ ମିଶୁଥିବା ପଦାର୍ଥକୁ ପ୍ରଦୂଷକ ରୂପେ ବର୍ଣ୍ଣନା କରାଯାଏ ।
- ପ୍ରଦୂଷକର ଦୁଇଟି ମୁଖ୍ୟ ଉତ୍ସ ରହିଛି - ସ୍ଥିର ଓ ଗତିଶୀଳ ।
- ପ୍ରଦୂଷକର ପରିବେଶ ତଥା ଜୀବ ଜଗତ ଉପରେ ପ୍ରତିକୂଳ ପ୍ରଭାବ ରହିଛି ।
- $SO_2$, $CO_2$, CO, ଧୂଆଁ, Pb, Hg, CFC ଆଦି ବାୟୁକୁ ପ୍ରଦୂଷିତ କରନ୍ତି । ଏମାନଙ୍କର ଉତ୍ସ ଏବଂ ପ୍ରଭାବ ଭିନ୍ନ ଭିନ୍ନ ଅଟେ ।
- ସରଳ ଭାଷାରେ ଜୀବିତ ବସ୍ତୁ ଓ ନିର୍ଜିବ ବସ୍ତୁ ପାଇଁ ଅସ୍ୱାସ୍ଥ୍ୟକର ଓ କ୍ଷତି କାରକ ପରିସ୍ଥିତିକୁ ପ୍ରଦୂଷଣ କୁହାଯାଏ ।
- କୀଟନାଶୀ, ପ୍ଲାଷ୍ଟିକ୍, ଅପମାର୍ଜକ, କ୍ଲୋରିନ୍, ପାରଦ, ଆଦି ଜଳକୁ ପ୍ରଦୂଷିତ କରନ୍ତି ଏବଂ ଜଳଚର ଜୀବମାନଙ୍କ ପ୍ରତି କ୍ଷତିକାରକ ଅଟନ୍ତି ।
- ଅବାଞ୍ଛିତ ଶବ୍ଦକୁ ଧ୍ୱନୀ (Noise) କୁହାଯାଏ । ଧ୍ୱନୀକୁ ଡେସିବେଲରେ ମାପ କରାଯାଏ । 70 ଡେସିବେଲରୁ ଅଧିକ ଧ୍ୱନୀ ମଣିଷ ପ୍ରତି କ୍ଷତିକାରକ ଅଟେ ।
- ପ୍ରଦୂଷଣ କାରିକୁ ଦଣ୍ଡିତ କରିବା ପାଇଁ ଭାରତ ସରକାର ନାନା ପ୍ରକାର ପରିବେଶ ସମ୍ପର୍କିତ ନିୟମ ଓ ଅଦାଲତ ସ୍ଥାପନ କରିଛନ୍ତି ।

## ପାଠ୍ୟାନ୍ତ ପ୍ରଶ୍ନ

1. ପରିବେଶ କ'ଣ ?

2. ମନୁଷ୍ୟ କୃତ ପ୍ରଦୂଷକର ବାଖ୍ୟା କର ।

3. ଜଳର ଚାରୋଟି ମୁଖ୍ୟ ପ୍ରଦୂଷକର ଉତ୍ସ ଏବଂ ପ୍ରଭାବ ବିଷୟରେ ଲେଖ ।

4. ପ୍ରାଥମିକ ଓ ଦ୍ୱିତୀୟକ ପ୍ରଦୂଷକ ମଧ୍ୟରେ ପାର୍ଥକ୍ୟ ଲେଖ ।

5. ପରିବେଶ ସୁରକ୍ଷା ପାଇଁ ତିନୋଟି ଆଇନଗତ ମାପଦଣ୍ଡ (ଅଧିନିୟମ)ର ନାମ ଲେଖ ।

---

## ପାଠଗତ ପ୍ରଶ୍ନର ଉତ୍ତର

**32.1**

1) ବାୟୁ, ଜଳ, ପୃଥିବୀ ଏବଂ ଜୀବ ଜଗତର ସମଷ୍ଟିକୁ ପରିବେଶ କୁହାଯାଏ ।
2) ପରିବେଶର ଦୁଇଟି ଉପାଦାନ ହେଉଛି ଜୈବିକ ଓ ଅଜୈବିକ ।
3) ଜୀବିତ ଜୀବ ଯଥା ଉଦ୍ଭିଦ, ପଶୁ, ଅଣୁଜୀବ ଇତ୍ୟାଦି ।
4) ସୀସା ଓ ପାରଦ ।
5) ଓଜୋନ୍ ସ୍ତରରେ ଛିଦ୍ର ସୃଷ୍ଟି କରେ ।
6) ବାୟୁମଣ୍ଡଳ, ଜୈବମଣ୍ଡଳ, ଜଳମଣ୍ଡଳ ଏବଂ ସ୍ଥଳମଣ୍ଡଳ ।

**32.2.**

1) ଯେଉଁ ପଦାର୍ଥର ସାନ୍ଦ୍ରତା ଅତ୍ୟଧିକ ଥାଏ ଯଥା :- $CO_2$, CO, $SO_2$.
2) ଆଗ୍ନେୟ ଉଦ୍‌ଗୀରଣ ଏବଂ ଖଣିର ପୃଷ୍ଠ ଭାଗରୁ ପ୍ରବାହିତ ପଦାର୍ଥ ।
3) ପ୍ରାଥମିକ ପ୍ରଦୂଷକ ଓ ପରିବେଶର ସାଧାରଣ ଉପାଦାନ ମଧ୍ୟରେ ପ୍ରତିକ୍ରିୟା ଯୋଗୁ ଦ୍ୱିତୀୟକ ପ୍ରଦୂଷକ ସୃଷ୍ଟି ହୁଏ ।
4) ପ୍ରାକୃତିକ ସଂପଦ ଯଥା ବାୟୁ, ଜଳ ଓ ମୃତ୍ତିକା ଆଦିରେ ଅନାବଶ୍ୟକ ପଦାର୍ଥ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ରହିଲେ ଓ ଏହି ସବୁ ପ୍ରାକୃତିକ ସଂପଦର ଗୁଣବତ୍ତାର ହ୍ରାସ ଘଟିଲେ, ଏହାକୁ ପ୍ରଦୂଷଣ କୁହାଯାଏ ।

**32.3**

1. $SO_2$ ଦ୍ୱାରା ଆଖି ପୋଡ଼େ ଓ CO ରକ୍ତ ସଂଚଳନରେ ବାଧା ଏବଂ ଶ୍ୱାସକ୍ରିୟାରେ ଅସୁବିଧା ସୃଷ୍ଟି କରେ ।
2. ପେଟ୍ରୋଲ (ଗ୍ୟାସୋଲିନ୍) ଚାଳିତ ଗାଡିରୁ ସୀସା ନିର୍ଗତ ହୁଏ ଏବଂ ପ୍ରଶୀତୀତ୍ର (refrigerator) ରୁ CFC ନିର୍ଗତ ହୁଏ ।
3. କାରଖାନାର ବର୍ଜ୍ୟବସ୍ତୁ, ଅଟୋମୋବାଇଲ୍‌ର ଧୂଆଁ ।
4. ତାପଜ ବିଦ୍ୟୁତ୍ କେନ୍ଦ୍ରର ଧୂଆଁ ଓ ଖଣିର ପୃଷ୍ଠ ଭାଗର ପ୍ରବାହ ।